# Akashvani, Sambalpur

## SAMBALPURI NEWS EVENING BULLETIN

## 27 February 2026-7.02- 7.12 pm.

---

୧- ଦେଶ୍‌କେ ଜରାୟୁ କର୍କଟ ମୁକ୍ତ କର୍‌ବାର୍ ଲାଗି ଆଏବାକାଏଲ୍ ଟୀକାକରଣ୍ ଅଭିଯାନ୍‌ର ଶୁଭାରମ୍ଭ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ହୀରାକୁଦ୍ ନ କ୍ଷେତ୍ର ପରିଦର୍ଶନ୍ କରିକରି ବିଭାଗୀୟ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କଲେ ମହାନଦୀ ଜଲ୍‌ବିବାଦ୍ ଟ୍ରିବ୍ୟୁନାଲ୍ ସଦସ୍ୟ ।

୩- ଆଶାକର୍ମୀମାନେ ସେବା ଆଉ ବିଶ୍ୱାସ୍‌ର ପ୍ରତୀକ୍ ଆନ୍ - କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଆଉର୍

୪- ଧାରିଜ୍ ସମିଆ ଆଘୋନୁ ଓଡ଼ିଶାକେ ନକ୍ସଲ୍ ମୁକ୍ତ କରାଯିବା -କହେଲେ ପୁଲିସ୍ ମହାନିର୍ଦ୍ଦେଶକ ।

ସର୍ଭାଇକାଲ୍ କେନ୍‌ସର୍ ନିରୋଧୀ ଟୀକା ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶ୍‌କେ ଜରାୟୁ କର୍କଟ ନୁ ମୁକ୍ତ କର୍‌ବାର୍ ଲାଗି ଆଏବାକାଏଲ୍‌ଠାନୁ କିଶୋରୀମାନ୍‌କୁ ଜରାୟୁ କର୍କଟ - ସର୍ଭାଇକାଲ୍ କେନ୍‌ସର୍ ନିରୋଧୀ- ଏଚ୍.ପି.ଭି. ଟୀକା ଦିଆଯିବା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ ଟୀକାକରଣ୍ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କର୍‌ବେ । ଉଦ୍‌ଘାଟନୀ ସମାରୋହଥି ଭୁବ୍‌ନେଶ୍ୱର୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଆଭାସୀ ଜରିଏ ଯୋଗ୍ ଦେବେ ବଲି ଜନାପଡ଼ିଛେ । ଅଭିଯାନ୍‌ଥି ୧୪ ବଛର୍ ବୟସ୍‌ତକ୍ ଟୁକେଲ୍ ଛୁଆମାନ୍‌କୁ ଗୁଟେ ଡୋଜ୍ ଟୀକା ଦିଆଯିବା । ଇଥିର୍‌ଲାଗି ଗୁଟେ ସ୍ୱତନ୍ତ୍ର ମାର୍ଗଦର୍ଶିକା ତିଆର୍ କରାଯାଇଛେ । ଓଡ଼ିଶା ନ ପହେଲା ଖେପେ ୩ ମାସ୍ ଭିତ୍‌ରେ ରାଜ୍ୟର୍ ଅଢ଼େଇ ଲାଖ୍ କିଶୋରୀଙ୍କୁ ଇ ଟୀକା ଦିଆଯିବା । ସେଥିର୍‌ଲାଗି ଏବ୍‌ତକ୍ ୧ ଲାଖ୍ ୯୦ ହଜାର୍ ଟୀକା ରାଜ୍ୟକେ ଆସିଛେ ।

ମୁଖ୍ୟମନ୍ତ୍ରୀ- ନୀତିନ୍ ନବୀନ୍ ସାକ୍ଷାତ୍       ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ନୂଆଦିଲ୍ଲୀ ନ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ୍ ନବୀନ୍‌ଙ୍କୁ ଭେଟିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶ୍ରୀ ନବୀନ୍‌ଙ୍କର୍ ସାଙ୍ଗେ ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଥି ଆଲୋଚନା କରିଛନ୍ । ଓଡ଼ିଶା ନ ସଂଗଠନ୍‌ର ସମନ୍ୱୟକେ ବର୍‌କସ୍ କର୍‌ବାର୍ ସହେତେ ଉନ୍ନୟନ୍‌ମୂଲକ୍ ପଦକ୍ଷେପ୍ ମାନ୍‌କୁ ତୁର୍‌ତି କର୍‌ବାର୍ ବାବ୍‌ଦେ ଆଲୋଚନା କରିଛନ୍ । ସୁଶାସନ୍, ସମାବେଶୀ ଉନ୍ନତି ଆଉ ରାଜ୍ୟର୍ ଲୋକ୍‌ମାନ୍‌କର୍ କଲ୍ୟାଣ୍ ଲାଗି ସର୍‌କାର୍‌ଙ୍କର୍ ସାମୂହିକ୍ ପ୍ରତିବଦ୍ଧତାକେ ଇ ଅବ୍‌ସରେ ଶ୍ରୀ ମାଝୀ ଉଲ୍ଲେଖ୍ କରିଛନ୍ ବଲି ସାମାଜିକ୍ ଗଣମାଧ୍ୟମ୍‌ଥି ସୂଚ୍‌ନା ଦେଇଛନ୍ ।

ମହାନଦୀ ଟ୍ରିବ୍ୟୁନାଲ୍-ଗସ୍ତ            ସମ୍ବଲପୁର ସମ୍ବାଦଦାତା

ଓଡ଼ିଶା- ଛତିଶ୍‌ଗଡ଼୍ ମହାନଦୀ ଜଲ୍‌ବିବାଦ୍ ଟ୍ରିବ୍ୟୁନାଲ୍‌ର ୧୦ ଝନିଆ ସଦସ୍ୟ ଆଏଜ୍ ହୀରାକୁଦ୍ ଜଲ୍‌ଭଣ୍ଡାର୍ ଆଉ ମହାନଦୀ

ଇଲାକା ବୁଲି ଦେଖିଛନ୍ । ଟ୍ରିବ୍ୟୁନାଲ୍‌ର ଅଧ୍ୟକ୍ଷ ଜଷ୍ଟିସ୍ ବେଲା.ଏମ୍ ତ୍ରିବେଦୀ, ଜଷ୍ଟିସ୍ ରବି ରଞ୍ଜନ୍‌ଙ୍କର୍ ସହେତେ ସବୁ ସଦସ୍ୟ ଆଏଜ୍ ସଖାଲ୍‌ବେଲା ହୀରାକୁଦ୍ ଅଶୋକ ନିବାସ୍ ନ ଗୁଟେ ବୈଠକ୍ କରିଥିଲେ । ବୈଠକ୍‌ଥି ସମ୍ବଲ୍‌ପୁର୍ ଆଉ ବର୍‌ଗଡ଼୍ ଜିଲ୍ଲାପାଲ୍, ଓଡ଼ିଶା-ଛତିଶ୍‌ଗଡ଼୍ ଜଲ୍‌ସମ୍ପଦ୍ ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ମହାନଦୀ ଉପର୍‌ମୁଡ଼େ ଛତିଶ୍‌ଗଡ୍‌ର ବେରେଜ୍ ତିଆର୍ ହେବାର୍‌ନୁ ପାନିର୍ ଧାର୍ କେତେ କମିଛେ ଆଉ ଇଥିର୍‌ଲାଗି ଓଡ଼ିଶା କେତେ ପ୍ରଭାବିତ୍ ହେଉଛେ ସେ ବାବ୍‌ଦେ ଓଡ଼ିଶାର୍ ଅଧିକାରୀମାନେ ତଥ୍ୟ ଉପସ୍ଥାପନ୍ କରିଥିଲେ । ବୈଠକ୍ ଉତ୍‌ରୁ ଟ୍ରିବ୍ୟୁନାଲ୍‌ର ସଦସ୍ୟମାନେ ହୀରାକୁଦ୍ ଡେମ୍‌ର ଡେବ୍‌ରୀ ଫାଲର୍ ସ୍ପିଲ୍‌ୱେ, ବୁର୍ଲା ପାୱାର୍ ହାଉସ୍ ଆଉ ଜବାହାର୍ ଉଦ୍ୟାନ୍ ବୁଲିଥିଲେ । ବୈଠକ୍ ଉତ୍‌ରୁ ଆଡ଼୍‌ଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ ରାଜ୍ୟବାସୀଙ୍କର୍ ସ୍ୱାର୍ଥକେ ନଜର୍‌ଥି ରଖିକରି ମହାନଦୀ ଜଲ୍‌ବିବାଦ୍‌ର ସମାଧାନ୍ କରାଯିବା ବଲି କହିଛନ୍ ।

(ଭଏସ୍ ଓଭର୍-ପିତାମ୍ବର ଆଚାର୍ଯ୍ୟ)

ଧର୍ମେନ୍ଦ୍ର ପ୍ରଧାନ୍-ଗାଁ କଲ୍ୟାଣ୍ ସମିତି ସମ୍ମିଲନୀ ଏକ୍ସ

ଆଶାକର୍ମୀମାନେ ଖାଲି ସ୍ୱାସ୍ଥ୍ୟକର୍ମୀ ନୁହନ୍, ସେମାନେ ସେବା ଆଉ ବିଶ୍ୱାସ୍‌ର ପ୍ରତୀକ୍ ଆନ୍ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ସମ୍ବଲ୍‌ପୁର୍ ନ ଆଏଜ୍ ଆଶା ଆଉ ଗାଁ କଲ୍ୟାଣ୍ ସମିତି ସମ୍ମିଲନୀଥି ଯୋଗ୍ ଦେଇକରି ଶ୍ରୀ ପ୍ରଧାନ୍ କହିଛନ୍ । ଜିଲ୍ଲାର୍ ୩ ଲାଖ୍ ନୁ ଅଏତ୍‌କା ପରିବାର୍ ଲାଗି ଆଶା ଦିଦିମାନେ ଯେନ୍ ହିସାବେ ଦିନ୍‌ରାଏତ୍ ଗୁଟେ କରିକରି କାମ୍ କରୁଛନ୍, ସେଟା ପ୍ରଶଂସନୀୟ ଆଏ । ଗାଁ ଇଲାକା ନ ସ୍ୱାସ୍ଥ୍ୟସେବାର୍ ଶକ୍ତି ହେଉଛେ ଗାଁ କଲ୍ୟାଣ୍ ସମିତି । ବିକଶିତ ଓଡ଼ିଶା ଆଉ ବିକଶିତ ଭାରତ୍ ଗଢ୍‌ବାର୍‌କେ ହେଲେ ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ ଆଉ ପାନୀୟଜଳ କ୍ଷେତ୍ରଥି ପରିବର୍ତନ୍ ଆନ୍‌ବାର୍ ସହେତେ ରୋଜ୍‌ଗାର୍‌କେ ଅଏତ୍‌କା ଗୁରୁତ୍ୱ ଦିଆଯିବାର୍ ଜରୁରୀ ଆଏ ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ପି.ଜି. ପ୍ରବେଶିକା ପରୀକ୍ଷା        ଆର୍‌ଏନ୍‌ୟୁ/ ସମ୍ବଲପୁର

ଚଲ୍‌ତି ଶିକ୍ଷାବର୍ଷରେ ସ୍ନାତକୋତର ପାଠ୍ୟକ୍ରମଥି ନାଁଲେଖାବାର୍ ଲାଗି ହଉଥିବା ଏକକ ପିଜି ପ୍ରବେଶିକା ପରୀକ୍ଷା-ସି.ପି.ଇ.ଟି. ଲାଗି ଆଏଜ୍‌ଠାନୁ ଫର୍ମ ପୂରଣ ପ୍ରକ୍ରିୟା ମୁଲ୍ ହେଇଛେ । ଆଗ୍ରହୀ ଛାତ୍ରଛାତ୍ରୀମାନେ ସାମ୍‌ସ ପୋର୍ଟାଲ୍ ଜରିଏ ଆଏବା ମାସର୍ ୧୫ ତାରିଖ୍‌ତକ୍ ଫର୍ମ ପୂରଣ କରିପାର୍‌ବେ । ଏପ୍ରିଲ ୨୭ନୁ ମେ ମାସର ୧୦ ତାରିଖ୍‌ତକ୍ ଭିନ୍ ଭିନ୍ ସ୍ନାତକୋତର ବିଷୟ ଲାଗି ସି.ପି.ଇ.ଟି. ପ୍ରବେଶିକା ପରୀକ୍ଷା ହେବା । ପରୀକ୍ଷା ଫଲ୍ ଆଧାର୍‌ଥି ଛାତ୍ରଛାତ୍ରୀମାନେ ସ୍ନାତକୋତର ପାଠ୍ୟକ୍ରମ ବାଛିପାର୍‌ବେ । ଜୁଲାଇ ୧୦ ତାରିଖ୍‌ତକ୍ ସବୁ ବିଶ୍ୱବିଦ୍ୟାଳୟ ଆଉ ମହାବିଦ୍ୟାଳୟମାନ୍‌କେ ସ୍ନାତକୋତର ପାଠ୍ୟକ୍ରମ ମୁଲ୍ କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ ବଲି ଉଚ୍ଚ ଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ ।

ପୁଲିସ୍ ମହାନିର୍ଦ୍ଦେଶକ- ନକ୍ସଲ ଅପରେସନ୍          ଏକ୍ସ

ଓଡ଼ିଶାକେ ଧାରିଜ୍ ସମିଆ ଆଘୋନୁ ନକ୍ସଲ୍ ମୁକ୍ତ କରାଯିବା ବଲି ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ କହିଛନ୍ । ଶ୍ରୀ

ଖୁରାନିଆ କହିଛନ୍, ଗଲା ୨ ବଛର୍ ଭିତ୍ରେ ୫ ଶହ ୯୧ ଝନ୍ ନକ୍ସଲ୍‌ବାଦୀ ସମାଜ୍‌ର ମୁଖ୍ୟସ୍ରୋତଥି ସାମିଲ୍ ହେଇଛନ୍ । ଆତ୍ମସମର୍ପଣ୍ କଲେ ସର୍କାର୍‌ଙ୍କର୍ ଧାରିଜ୍ ପୁରସ୍କାର୍ ଆଉ ଥଇଥାନ୍ ସୁବିଧା ଦିଆଯିବା । ମାତରକ ହିଂସା ଛାଡ଼ିକରି ଆତ୍ମସମର୍ପଣ୍ ନାଇଁ କଲେ ସୁରକ୍ଷା ବାହିନୀର୍ ଅପରେସନ୍‌ର ଭୟଙ୍କର୍ ପରିଣାମ୍ ଭୁଗ୍‌ବାର୍‌କେ ପଡ଼୍‌ବା ବଲି ଶ୍ରୀ ଖୁରାନିଆ କହିଛନ୍ ।

(ଭଏସ୍ ଓଭର୍- ୱାଇ.ବି. ଖୁରାନିଆ)

ଆଚାର୍ଯ୍ୟ ହରିହର ଦାସ୍ ଜୟନ୍ତୀ ଆଇ.ଆଣ୍ଡ୍.ପି.ଆର୍

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜ୍‌ସେବୀ ଆଉ ଶିକ୍ଷାବିତ୍ ଆଚାର୍ଯ୍ୟ ହରିହର ଦାସ୍‌ଙ୍କର୍ ଜୟନ୍ତୀଥି ଆଏଜ୍ ରାଜ୍ୟବାସୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନଉଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଚାର୍ଯ୍ୟ ହରିହରଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି ଜନସେବା ଦିଗେ ତାଙ୍କର୍ ନିଷ୍ଠା ଆଉ ଆଦର୍ଶ ଆଏବା ପିଢ଼ି ଲାଗି ସବୁବେଲେ

ପ୍ରେରଣା ହେଇକରି ରହେବା ବଲି କହିଛନ୍ । ଆଚାର୍ଯ୍ୟ ହରିହରଙ୍କର୍ ସ୍ମୃତିଥି ଆଏଜ୍ ବେଲ୍‌ବୁଢ଼େ ଜୟଦେବ୍ ଭବନ୍ ନ ଗୁଟେ ସାଧାରଣ୍ ସଭାର୍ ଆୟୋଜନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଛନ୍ ।

ଭୁବ୍‌ନେଶ୍ୱର୍ ଆଚାର୍ଯ୍ୟ ବିହାର୍ ଠାନେ ଥିବା ତାଙ୍କର୍ ପ୍ରତିମୂର୍ତିଥି ଆଏଜ୍ ସଖାଲ୍‌ବେଲା ବହୁତ୍ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ୍ କରିଥିଲେ । ତାର୍ ଉତ୍‌ରୁ ଦିନର୍ ସାଢ଼େ ୧୦ ବଜେ ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ଆଚାର୍ଯ୍ୟ ହରିହର ପାର୍କ ନ ତାଙ୍କର୍ ଗୁଟେ ପ୍ରତିମୂର୍ତି ଉନ୍ମୋଚନ୍ କରାଯାଇଥିଲା ।

ବିଶ୍ୱ ଦକ୍ଷତା ପ୍ରତିଯୋଗିତା ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ଦକ୍ଷତା ବିକାଶ୍ ପରିସର୍ ନ ଆଏଜ୍‌ଠାନୁ ବିଶ୍ୱ ଦକ୍ଷତା ପ୍ରତିଯୋଗିତା ମୁଲ୍ ହେଇଛେ । ପ୍ରତିଯୋଗିତାଥି ପୂର୍ବ ଭାରତ୍‌ର ଯୁଆନ୍ ପିଢ଼ିମାନେ ନିଜର୍ ନିଜର୍ ଦକ୍ଷତା ପ୍ରଦର୍ଶନ୍

କର୍‌ବେ । ଇଥର ପ୍ରତିଯୋଗିତାଥି ୫ ଟା ରାଜ୍ୟ ଆଉ ଗୁଟେ କେନ୍ଦ୍ରଶାସିତ୍ ଅଂଚଲ୍‌ର ୨ ଶହ ୩୦ ଝନ୍ ପ୍ରତିଯୋଗୀ ଭାଗ୍ ନଉଛନ୍ । ପ୍ରତିଯୋଗିତା ଆଏବା ୨ ତାରିଖ୍‌ତକ୍ ଚାଲ୍‌ବା ।

ବିକାଶ୍ ମନ୍ଥନ୍ ପରାମର୍ଶ ସମ୍ମିଲନୀ        ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ଯୋଜନା ଆଉ ସଂଯୋଜନ ବିଭାଗ୍ ଓଡ଼ିଶା ସେଂଟର୍ ଫର୍ ଇଂଟିଗ୍ରେଟେଡ୍ ଡେଭଲପ୍‌ମେଂଟ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ୨ ଦିନିଆ ବିକାଶ୍ ମନ୍ଥନ୍ ପରାମର୍ଶ ସମ୍ମିଲନୀ ଆଏଜ୍‌ଠାନୁ ମୁଲ୍ ହେଇଛେ । ଇ ଅବ୍‌ସରେ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଯୋଗ୍ ଦେଇକରି ୨୦୩୬ ମସିହାତକ୍ ବିକଶିତ ଓଡ଼ିଶା ସହେତେ ୨୦୪୭ ତକ୍ ବିକଶିତ ଭାରତ୍ ଗଢ୍‌ବାର୍ ଦିଗେ ସଭେ ଯୋଗଦାନ୍ କରୁନ୍ ବଲି କହିଛନ୍ । ବୈଠକ୍‌ଥି ସମାବେଶୀ, ସ୍ଥାୟୀ ଆଉ ସଂସ୍ଥାଗତ ସୁଦୃଢ଼ିକରଣ୍‌କେ ଜୋର୍ ଦିଆଯାଇଛେ ।

ଯୁବ ସଂସଦ୍ କାର୍ଯ୍ୟକ୍ରମ        କଲାହାଣ୍ଡି/ସୁବର୍ଣ୍ଣପୁର୍ ସମ୍ବାଦଦାତା

କଲାହାଣ୍ଡି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜ୍‌ନା ଆଉ ମେରା ଯୁବା ଭାରତ୍ ଜିଲ୍ଲା ଶାଖା ତର୍‌ଫୁ ବିକଶିତ ଭାରତ୍ ଯୁବ ସଂସଦ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଶହେ ୧୪ ଝନ୍ ପ୍ରତିଯୋଗୀ ଭାଗ୍ ନେଇଥିଲେ । ଜିଲ୍ଲାସ୍ତରୀୟ ପ୍ରତିଯୋଗିତାଥି ଭାଗ୍ ନେବାର୍‌କେ ୯୧ ଝନ୍‌କୁ ବଛାଯାଇଛେ । ଆଝିରର୍ କାର୍ଯ୍ୟକ୍ରମ୍‌ଥି ଭାରପ୍ରାପ୍ତ କୁଳପତି ଡକ୍ଟର୍ ନିବେଦିତା ନାଥ ଉଦ୍‌ଘାଟନ୍ କରିଥିଲେ ।

ସୁବର୍ଣ୍ଣପୁର୍ ସର୍‌କାରୀ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ନ  ଭିଲ୍ ବିକଶିତ ଭାରତ୍ ଯୁବ ସଂସଦ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ 'ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ: ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା' ଶୀର୍ଷକ୍‌ଥି ହେଇଥିବା ବକ୍ତୃତା ମାଳାଥି ଛାତ୍ରଛାତ୍ରୀମାନେ ନିଜର୍ ନିଜର୍ ମତାମତ ଉପସ୍ଥାପନ୍ କରିଥିଲେ ।

ଜନଗଣନା ଅଧିକାରୀ ତାଲିମ୍ ଶିବିର୍     ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍‌ ଜିଲ୍ଲାପାଲ୍‌ଙ୍କର୍‌ କାର୍ଯ୍ୟାଳୟ ପରିସର୍‌ ନ ଜିଲ୍ଲାସ୍ତରୟ ଜନଗଣନା ଅଧିକାରୀଙ୍କର୍‌ ୨ ଦିନିଆ ସମୀକ୍ଷା ଆଉ ତାଲିମ୍‌ ଶିବିର୍‌ ହେଇଯାଇଛେ । ଆଏବା ବଛର୍‌ ହେବାର୍‌କେ ଥିବା ଜନଗଣନା କାମ୍‌ ଠିକ୍‌ ଭାବେ ଆଉ ଦାୟିତ୍ୱର୍‌ ସହେତେ କର୍‌ବାର୍‌କେ ଇ ଅବ୍‌ସରେ ଅଧିକାରୀମାନ୍‌କୁ ତାଲିମ୍‌ ଦିଆଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍‌ ଆଉ ଜିଲ୍ଲା ମୁଖ୍ୟ ଜନଗଣନା ଅଧିକାରୀ କବୀନ୍ଦ୍ର କୁମାର୍‌ ସାହୁ ଅଧ୍ୟକ୍ଷତା କରିଥିଲେ ।

ବରିଷ୍ଠ ନାଗରିକ- ଯୋଗଶିବିର୍‌ ସୁବର୍ଣ୍ଣପୁର୍‌ ସମ୍ବାଦଦାତା

ସୁବର୍ଣ୍ଣପୁର୍‌ ଜିଲ୍ଲା ସଂସ୍କୃତି ଭବନ୍‌ ପରିସର୍‌ ନ ଜିଲ୍ଲା ପ୍ରଶାସନ୍‌ ଆଉ ଜିଲ୍ଲା ସାମାଜିକ୍‌ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍‌ ବିଭାଗ୍‌ ତର୍‌ଫୁ ବରିଷ୍ଠ ନାଗରିକମାନ୍‌କର୍‌ ଲାଗି ଗୁଟେ ଯୋଗଶିବିର୍‌ର ଆୟୋଜନ୍‌ କରାଯାଇଛେ । ଶିବିର୍‌ଥି ଶହେ ନୁ ଅଏତ୍‌କା ବରିଷ୍ଠ ନାଗରିକ ଯୋଗ୍‌ ଦେଇଥିଲେ । ଯୋଗଗୁରୁ ମନୋଜ୍‌

କୁମାର୍ ପଣ୍ଡା ଆଉ ଦ୍ୱିତିକୃଷ୍ଣ ପଣ୍ଡା ଯୋଗଶିକ୍ଷା ଦେଇଥିଲେ । ଇ ଅବ୍‌ସରେ ବରିଷ୍ଠ ନାଗରିକମାନ୍‌କୁ ମୋବାଇଲ୍ ଫୋନ୍‌ର ସଠିକ୍ ବେଭାର୍, ସାଇବର୍ ଅପରାଧ୍, ସ୍ୱାସ୍ଥ୍ୟ ସମସ୍ୟା ବାଗିର୍ ଭିନ୍ ଭିନ୍ ବିଷେଥି ସଚେତନ୍ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ଶିଶୁ ଚାଲାଣ୍ ନିରୋଧୀ ସଚେତନତା ବୌଦ୍ଧ ସମ୍ବାଦଦାତା

ରେଲ୍‌ବାଇ ଆଉ ଆକ୍ସେସ୍ ଟୁ ଜଷ୍ଟିସ୍ ସଂଗଠନ୍ ତରଫୁ ବୌଦ୍ଧ ରେଲ୍‌ଷ୍ଟେସନ୍ ନ ଶିଶୁ ଚାଲାଣ୍ ନିରୋଧୀ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଶିଶୁ ଚାଲାଣ୍ ଆଏତ୍ କର୍‌ବାର୍ ଲାଗି କେନ୍ କେନ୍ ପଦକ୍ଷେପ୍ ନିଆଯାଇପାର୍‌ବା ସେ ବାବ୍‌ଦେ ଟ୍ରେନ୍ ଯାତ୍ରୀମାନ୍‌କୁ ସଚେତନ୍ କରାଯାଇଥିଲା ।

ଗାଁ କଲ୍ୟାଣ୍ ସମିତି ସମ୍ମିଲନୀ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଟାଉନ୍ ହଲ୍ ପରିସର୍ ନ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ୍ ସମିତି ଆଉ ମହିଲା ଆରୋଗ୍ୟ ସମିତି ସମ୍ମିଲନୀ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର୍ ମହେନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସମ୍ମିଲନୀଥି ଆଶା, ଗାଁ କଲ୍ୟାଣ୍ ସମିତି ଆଉ ମହିଲା ଆରୋଗ୍ୟ ସମିତି ସହେତେ ୩ ଟା ଜନଆରୋଗ୍ୟ ଉପକେନ୍ଦ୍ରକେ ସମ୍ମାନିତ୍ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼ଭାଗି ଜାଗା ନ ପାଗ୍ ଶୁଖା ରହେବା । ୨ ଦିନ୍ ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍‌ରୁ ଦିନର୍ ଆଉ ରାତିର୍ ତାପମାତ୍ରା ୨ ନୁ ୩ ଡିଗ୍ରୀ ତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ କରାଯାଇଛେ ।